# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 5 June – 2026

********************************

## ମୁଖ୍ୟ ସମ୍ବାଦ

- 'ପ୍ରକୃତିରୁ ପ୍ରେରଣା- ଜଳବାୟୁ ପାଇଁ, ଆମ ଭବିଷ୍ୟତ ପାଇଁ'ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି 'ବିଶ୍ୱ ପରିବେଶ ଦିବସ'

- ରେପୋ ହାରକୁ ୫ ଦଶମିକ ୨/୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଲେ ଭାରତୀୟ ରିଜର୍ଭ ବ୍ୟାଙ୍କ

- ପୁରୀଠାରେ ଚାଲିଥିବା ୩ ଦିନିଆ ବ୍ରିକ୍ସ ରାଷ୍ଟ୍ରସମୂହର ଦ୍ୱିତୀୟ ବୈଷୟିକ କାର୍ଯ୍ୟକାରୀ ଗୋଷ୍ଠୀ ବୈଠକରେ ୧୧ଟି ବିଷୟରେ ହୋଇଛି ଆଲୋଚନା

ଏବଂ

- ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଗଜପତି ମହାରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ

# ବିଶ୍ୱ ପରିବେଶ ଦିବସ

'ପ୍ରକୃତି ଦ୍ୱାରା ଅନୁପ୍ରାଣିତ-ଜଳବାୟୁ ପାଇଁ, ଆମର ଭବିଷ୍ୟତ' ବାର୍ତ୍ତା ନେଇ ଆଜି 'ବିଶ୍ୱ ପରିବେଶ ଦିବସ' ପାଳନ କରାଯାଉଛି। ୧୯୭୩ ମସିହାରୁ ପ୍ରତିବର୍ଷ ଜୁନ୍ ୫ ତାରିଖରେ ଏହି ଦିବସ ପାଳନ କରାଯାଇଥାଏ । ଜଳବାୟୁ ପରିବର୍ତ୍ତନର ମୁକାବିଲା, ପ୍ରକୃତିର ସୁରକ୍ଷା, ସ୍ୱଚ୍ଛ ଶକ୍ତିର ବ୍ୟବହାର, ସବୁଜ ଜୀବନଶୈଳୀ ଏବଂ ଏକ ସୁରକ୍ଷିତ ପୃଥିବୀ ଗଠନ ପାଇଁ ବିଶ୍ୱସ୍ତରୀୟ ସହଯୋଗର ଆବଶ୍ୟକତା ସଂପର୍କରେ ସଚେତନତା ସୃଷ୍ଟି କରିବା ଏହି ଦିବସର ପାଳନର ମୂଳ ଉଦ୍ଦେଶ୍ୟ ।

ଭୁବନେଶ୍ୱର ଲୋକସେବା ଭବନରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। 'ପ୍ରକୃତିରୁ ପ୍ରେରଣା-ଜଳବାୟୁ ପାଇଁ ଆମ ଭବିଷ୍ୟତ ପାଇଁ' ଶୀର୍ଷକ ଆଲୋଚନାଚକ୍ରରେ ବିଭାଗୀୟ ମନ୍ତ୍ରୀ ଗଣେଶରାମସିଂ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଏକ ସବୁଜ, ସ୍ୱଚ୍ଛ ଓ ଜଳବାୟୁ ସହନଶୀଳ ଓଡ଼ିଶା ଗଠନ ଦିଗରେ ରାଜ୍ୟ ଅଗ୍ରସର ହେଉଛି। ପରିବେଶ ସୁରକ୍ଷାକୁ ଏକ ଜନଆନ୍ଦୋଳନରେ ପରିଣତ କରିବା ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି।

ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା-ଏଆଇ ଆଧାରିତ ଅଗ୍ନି ଚିହ୍ନଟ ବ୍ୟବସ୍ଥା, ହେନ୍ତାଳ ବନର ପୁନରୁଦ୍ଧାର, ଇକୋ-ଟୁରିଜିମ୍‌ର ବିକାଶ, ନନ୍ଦନକାନନର ଆଧୁନିକୀକରଣ ଦିଗରେ ସରକାର କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି। ପରିବେଶ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରକୃତିମିତ୍ର ଓ ପ୍ରକୃତିବନ୍ଧୁ ସମ୍ମାନପ୍ରାପ୍ତ ୨୦୫ଟି ଅନୁଷ୍ଠାନ ଏବଂ ୨୦୭ ଜଣ ବ୍ୟକ୍ତିଙ୍କୁ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ଅଭିନନ୍ଦନ ଜଣାଇଥିଲେ। ପରିବେଶ ଅନୁକୂଳ ଜୀବନଶୈଳୀକୁ ବ୍ୟବହାର କରି ପରିବେଶ ସୁରକ୍ଷା ଦିଗରେ ଏକ ଜନଆନ୍ଦୋଳନରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଛି। ରାଜ୍ୟର ତିନୋଟି ଶ୍ରେଷ୍ଠ ପରିବେଶ ସୁରକ୍ଷା ଇକୋ-କ୍ଲବ୍‌କୁ ସମ୍ମାନୀତ କରାଯାଇଥିଲା।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକୃତିର ସୁରକ୍ଷା, ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବର୍ଜନ, ଜଳ ଓ ପ୍ରାକୃତିକ ସମ୍ପଦର ଉପଯୁକ୍ତ ବ୍ୟବହାର ଏବଂ ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା ଦିଗରେ ସକ୍ରିୟ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ରାଜ୍ୟ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି ।

ବିଶ୍ୱ ପରିବେଶ ଦିବସ ଅବସରରେ ପରିବେଶର ସୁରକ୍ଷା ଓ ସଂରକ୍ଷଣ ପାଇଁ ସଂକଳ୍ପ ନେବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆହ୍ୱାନ କରିଛନ୍ତି।

ଏହି ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନକୁ ଅଧିକ ତ୍ୱରାନ୍ୱିତ ଓ କାର୍ଯ୍ୟାଭିମୁଖି କରିବା ପାଇଁ ଆହ୍ୱାନ ଦେଇଛନ୍ତି।

## ପରିବେଶ ଦିବସ-ଜିଲ୍ଲା

**ନବରଙ୍ଗପୁର** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବିଶ୍ୱ ପରିବେଶ ଦିବସ ଅବସରରେ 'ମା' ପାଇଁ ଗଛଟିଏ' ଅଭିଯାନରେ ବିଧାୟକ ଗୌରୀଶଙ୍କର ମାଝୀ ଯୋଗଦେଇ ବୃକ୍ଷରୋପଣ କରିଥିଲେ।

**ନୂଆପଡା** ଜିଲ୍ଲା କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ବିଧାୟକ ଜୟ ଢୋଲକିଆ ଯୋଗଦେଇ ଉନ୍ନୟନ କାର୍ଯ୍ୟରେ ଗଛକୁ କଟା ନ ଯାଇ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଆହ୍ୱାନ ଦେଇଛନ୍ତି।

ବିଶ୍ୱ ପରିବେଶ ଦିବସ ଅବସରରେ **ବୌଦ୍ଧ** ଜିଲ୍ଲାର ବିଭିନ୍ନ ସ୍ଥାନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।
କୁଲାରୀକୁଦ ଦୀପଠାରେ ଅନୁଷ୍ଠିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଯୋଗଦେଇଥିଲେ। ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

## ପ୍ରେଜ୍-ପଦ୍ମ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଚଳିତ ମାସ ୨୩ ତାରିଖରେ ଦ୍ୱିତୀୟ ବେସାମରିକ ସମ୍ମାନ ସମାରୋହରେ ଚଳିତବର୍ଷ ପାଇଁ ୬୫ ଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରିବେ। ଚଳିତ ବର୍ଷ ମୋଟ ୧୩୧ଟି ପଦ୍ମ ପୁରସ୍କାର ପ୍ରଦାନ ପାଇଁ ଅନୁମୋଦନ ମିଳିଛି। ଏଥିରେ ୫ଟି ପଦ୍ମ ବିଭୂଷଣ, ୧୩ଟି ପଦ୍ମ ଭୂଷଣ ଏବଂ ୧୧୩ଟି ପଦ୍ମଶ୍ରୀ ପୁରସ୍କାର ରହିଛି। ପ୍ରଥମ ବେସାମରିକ ସମ୍ମାନ ପ୍ରଦାନ ସମାରୋହରେ ଗତମାସରେ ରାଷ୍ଟ୍ରପତି ୬୬ ଜଣ ବ୍ୟକ୍ତିତ୍ୱଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରିଥିଲେ ।

## ଆରବିଆଇ

ରିଜର୍ଭ ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ଦ୍ୱିମାସିକ ମୁଦ୍ରାନୀତି ସମୀକ୍ଷା କରି ରେପୋ ହାରକୁ ୫ ଦଶମିକ ୨/୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଛନ୍ତି। ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି, ମୁଦ୍ରାନୀତି କମିଟି ସର୍ବସମ୍ମତିକ୍ରମେ ଏହି ନିଷ୍ପତ୍ତି ନେଇଛି। ସ୍ଥାୟୀ ଜମା ସୁବିଧା ହାର ୫ ପ୍ରତିଶତ ଏବଂ ମାର୍ଜିନାଲ ଷ୍ଟାଣ୍ଡିଂ ଫାସିଲିଟି ହାର ଓ ବ୍ୟାଙ୍କ ହାର ୫ ଦଶମିକ ୫ ପ୍ରତିଶତରେ ବଳବତ୍ତର ରହିଛି। ରିଜର୍ଭ ବ୍ୟାଙ୍କ ଚଳିତ ବର୍ଷ ପାଇଁ ଜିଡିପି ଅଭିବୃଦ୍ଧି ଆକଳନକୁ ୬ ଦଶମିକ ୯ ପ୍ରତିଶତରୁ ୬ ଦଶମିକ ୬ ପ୍ରତିଶତକୁ ହ୍ରାସ କରିଛି ।  ଅନ୍ୟପକ୍ଷରେ ମୁଦ୍ରାସ୍ଫୀତି ଆକଳନକୁ ୪ ଦଶମିକ ୬ ପ୍ରତିଶତରୁ  ୫ ଦଶମିକ ୧ ପ୍ରତିଶତକୁ ବୃଦ୍ଧି କରାଯାଇଛି।

ଏହି ନିଷ୍ପତ୍ତିକୁ ସ୍ୱାଗତ କରି ଶିଳ୍ପ ସଂଗଠନ-ଆସୋଚାମ କହିଛି ଯେ, ରେପୋ ହାର ଅପରିବର୍ତ୍ତିତ ରହିବା  ଅଭିବୃଦ୍ଧି ଏବଂ ବ୍ୟବସାୟିକ ମନୋଭାବକୁ ସୁଦୃଢ଼ କରିବ। ଆସୋଚାମର ମହାସଚିବ ସୌରଭ ସାନ୍ୟାଲ କହିଛନ୍ତି, ଏହା ଅର୍ଥନୈତିକ ଅଭିବୃଦ୍ଧି ଓ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ମଧ୍ୟରେ ସନ୍ତୁଳିତ ଦୃଷ୍ଟିଭଙ୍ଗୀକୁ ପ୍ରତିଫଳିତ କରୁଛି।

## ଉପନିର୍ବାଚନ

ରାଜ୍ୟରେ ଖାଲି ପଡିଥିବା ଗୋଟିଏ ରାଜ୍ୟସଭା ଆସନ ପାଇଁ ବିଜେପି ପ୍ରାର୍ଥୀ ଦେବାଶୀଷ ସାମନ୍ତରାୟ ବିଧାନସଭା ରିଟର୍ଣ୍ଣିଂ ଅଫିସରଙ୍କ କାର୍ଯ୍ୟାଳୟରେ ଆଜି ନାମାଙ୍କନପତ୍ର ଦାଖଲ କରିଛନ୍ତି। ନାମାଙ୍କନପତ୍ର ଦାଖଲ ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିଜେପିର ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ। ରାଜ୍ୟସଭା ଉପନିର୍ବାଚନ ଲାଗି ଆସନ୍ତା ୮ ତାରିଖ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ। ୧୧ ତାରିଖ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନ ରହିଛି। ଆସନ୍ତା ୧୮ ତାରିଖରେ ରାଜ୍ୟସଭା ଉପନିର୍ବାଚନ ପାଇଁ ଭୋଟ ଗ୍ରହଣ କରାଯିବ।

## ବ୍ରିକ୍ସ ସମ୍ମିଳନୀ

ବିପର୍ଯ୍ୟୟ ପରିଚାଳନା ବିପଦ ହ୍ରାସ ନେଇ **ପୁରୀ**ରେ  ଆୟୋଜିତ ବ୍ରିକ୍ସ ରାଷ୍ଟ୍ରସମୂହର ଦ୍ୱିତୀୟ ବୈଷୟିକ କାର୍ଯ୍ୟଗୋଷ୍ଠୀ ବୈଠକର ତୃତୀୟ ଦିବସରେ ଆଜି ଉଦ୍‌ଯାପିତ ହେଉଛି। ବୈଠକରେ ବ୍ରିକ୍ସ ସଦସ୍ୟ ଦେଶର ବରିଷ୍ଠ ଅଧିକାରୀ ଓ ବୈଷୟିକ ବିଶେଷଜ୍ଞମାନେ ଯୋଗଦେଇ ବିପର୍ଯ୍ୟୟ

ବିପଦ ହ୍ରାସ ନିମନ୍ତେ ବିଭିନ୍ନ ଆହ୍ୱାନର ସମାଧାନ ଦିଗରେ ମତବିନିମୟ କରୁଛନ୍ତି। ୩ ଦିନରେ ମୋଟ ୧୧ଟି ବିଷୟରେ ଆଲୋଚନା ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ବିପର୍ଯ୍ୟୟ ପରିଚାଳନା ନେଇ ପ୍ରଶାସନିକ ଓ ସମ୍ପ୍ରଦାୟ ଆଧାରିତ ପଦ୍ଧତି, ପ୍ରାକ୍ ଅନୁମାନଯୋଗ୍ୟ ନିବେଶ ପାଇଁ ଆର୍ଥିକ ମଡେଲ, ବହୁ ବିପଦର ପ୍ରାରମ୍ଭିକ ସୂଚନା, ବାତ୍ୟା ଓ ବନ୍ୟା ସହ୍ୟ କରିପାରୁ ନଥିବା ଘର ଓ ରାସ୍ତା ସମେତ ପ୍ରାକୃତିକ ଆଧାରିତ ସମାଧାନ ନେଇ ସମ୍ମିଳନୀରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଅପରାହ୍ଣରେ ଆଜି ପୁରୀ-କୋଣାର୍କ ବେଳାଭୂମି ରାମଚଣ୍ଡିଠାରେ ବିପର୍ଯ୍ୟୟ ପରିଚାଳନା ନେଇ ଏକ ଡେମୋ ପ୍ରଦର୍ଶନ କରାଯିବ।

## ଗ୍ରୀଷ୍ମପ୍ରବାହ

ରାଜ୍ୟରେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ବିଦ୍ୟାଳୟଗୁଡ଼ିକର ଗ୍ରୀଷ୍ମଅବକାଶ ଅବଧିକୁ ବୃଦ୍ଧି କରାଯିବା ନେଇ ବିଚାର କରୁଛନ୍ତି ବୋଲ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଆଗାମୀ ଦିନରେ ପାଣିପାଗ ପରିସ୍ଥିତିର ସମୀକ୍ଷା ପରେ ଗ୍ରୀଷ୍ମ ଅବକାଶ ବୃଦ୍ଧି ନେଇ ନିଷ୍ପତ୍ତି ନିଆଯିବ। ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସର୍ବୋଚ୍ଚ ପ୍ରାଥମିକତା ବୋଲି ମଧ୍ୟ ଶ୍ରୀ ଗଣ୍ଡ କହିଛନ୍ତି। ରାଜ୍ୟର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକ ଗତ ଏପ୍ରିଲ ୨୭ ତାରିଖଠାରୁ ବନ୍ଦ ରହିଛି। ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଆଗୁଆ ଗ୍ରୀଷ୍ମ ଅବକାଶ ଘୋଷଣା କରିଥିଲେ।

## ଶ୍ରୀମନ୍ଦିର ବୈଠକ

**ପୁରୀ** ଶ୍ରୀମନ୍ଦିର ପରିଚାଳନା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ  ଗଜପତି ମହାରାଜା ଶ୍ରୀଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଆଜି  ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶ୍ରୀଜିଉଙ୍କ ସ୍ନାନଯାତ୍ରା, ରଥଯାତ୍ରା ଓ ବାହୁଡ଼ାଯାତ୍ରା ନିମନ୍ତେ ନୀତିନିର୍ଘଣ୍ଟ ଓ ବ୍ୟବସ୍ଥାବଳୀକୁ ମଞ୍ଜୁରି ନେଇ ବୈଠକରେ ଆଲୋଚନା କରାଯାଇଛି। ଗତ ୩୧ ତାରିଖରେ ଅନୁଷ୍ଠିତ ଛତିଶାନିଯୋଗ, ନୀତି ସବ୍‌କମିଟି ବୈଠକରେ ଅନୁମୋଦିତ ହୋଇଥିବା ରଥଯାତ୍ରା ଓ ସ୍ନାନଯାତ୍ରାଦିର ବ୍ୟବସ୍ଥାବଳିକୁ ଅନୁମୋଦନ କରାଯାଇଛି। ଶ୍ରୀମନ୍ଦିର ସୁରକ୍ଷା ସବ୍‌କମିଟି ବୈଠକର ବିବରଣୀ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକଙ୍କ ସମେତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ।

## ଓ୍ୱାସସ୍ ପଦ୍ଧତି

ସରକାର ଯୋଗାଇ ଦେଉଥିବା ସମସ୍ତ ସୁବିଧା ଉପଲବ୍ଧି ନେଇ **ଗଞ୍ଜାମ** ଜିଲ୍ଲା ପ୍ରଶାସନ ପକ୍ଷରୁ କାର୍ଯ୍ୟକାରୀ ହୋଇଥିବା ଓ୍ୱାସସ୍ ପଦ୍ଧତି ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ହାସଲ କରିଛି। ପୁରୁଣା ନଥିପତ୍ରକୁ ସମ୍ପୂର୍ଣ୍ଣରୂପେ କମ୍ପ୍ୟୁଟରୀକରଣ କରାଯାଇଛି। ସରକାରୀ ଅଧିକାରୀମାନଙ୍କ କାମରେ ସ୍ୱଚ୍ଛତା ଆଣିବା ସହିତ ଧାର୍ଯ୍ୟ ସମୟରେ ଲୋକମାନଙ୍କୁ ସରକାରୀ ସେବା ଯୋଗାଇଦେବା ଓ୍ୱାସସ୍ ପଦ୍ଧତିର ମୁଖ୍ୟ ଉଦ୍ଦେଶ୍ୟ ବୋଲି

ଗଞ୍ଜାମ ଜିଲ୍ଲାପାଳ ଭି.କିର୍ତ୍ତି ଭାସନ୍ କହିଛନ୍ତି। ଓ୍ୱାସସ୍ ପଦ୍ଧତିରେ ୨୫ ହଜାର ୧୫୩ଟି ଫାଇଲକୁ କମ୍ପ୍ୟୁଟରୀକରଣ କରାଯାଇ କାର୍ଯ୍ୟରେ ବ୍ୟବହାର ଉପଯୋଗୀ କରାଯାଇଥିବାରୁ ଗଞ୍ଜାମ ଜିଲ୍ଲା ପ୍ରଥମ ସ୍ଥାନ ଅଧିକାର କରିଛି। କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ୧୪ ହଜାର ଫାଇଲ ଓ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ୧୧ ହଜାର ୬୦୦ ଫାଇଲ ଭାବେ ଓ୍ୱାସସ୍ ପଦ୍ଧତିରେ କମ୍ପ୍ୟୁଟରୀ କରଣ କରାଯାଇଛି।

## କ୍ୟାମ୍ପକୋର୍ଟ

**ଭଦ୍ରକ** ଜିଲ୍ଲା ଧାମନଗର ତହସିଲ ଅନ୍ତର୍ଗତ ଭଟ ସାହି ବିଦ୍ୟାଳୟରେ 'ମୋ ଗାଁ ମୋ ତହସିଲ' କ୍ୟାମ୍ପକୋର୍ଟ ଅନୁଷ୍ଠିତ ହୋଇଛି। ୨୦୦ ଜଣଙ୍କ ଜମି ଖାତା ସଂଶୋଧନ ତଥା ବିଭିନ୍ନ ଅଭିଯୋଗ ମଧ୍ୟରୁ ୩୩ ଜଣଙ୍କୁ ଜମି ଖତିଆନ ପ୍ରଦାନ କରାଯାଇଥିଲା।

## ଏନ୍‌ସିଇଆରଟି

ରାଷ୍ଟ୍ରୀୟ ଶୈକ୍ଷିକ ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ-ଏନ୍‌ସିଇଆରଟି ପକ୍ଷରୁ ହେବାକୁ ଥିବା ସାଧାରଣ ପ୍ରବେଶିକା ପରୀକ୍ଷା-ସିଇଇ ୨୦୨୬ ନିମନ୍ତେ ଆବେଦନ ସମୟସୀମାକୁ ବୃଦ୍ଧି କରାଯାଇଛି। ପ୍ରାର୍ଥୀମାନେ ଆସନ୍ତା ରବିବାର ସୁଦ୍ଧା ପଞ୍ଜୀକରଣ ସମ୍ପୂର୍ଣ୍ଣ କରି ଆବେଦନପତ୍ର ଦାଖଲ କରିପାରିବେ। ଏନ୍‌ସିଇଆରଟି ବିଭିନ୍ନ ରାଜ୍ୟରେ ଥିବା ଆଂଚଳିକ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକର ପାଠ୍ୟକ୍ରମରେ ନାମଲେଖା ପାଇଁ ଏହି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଆବେଦନକାରୀମାନେ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ସଂଶୋଧନ କରିବା ଲାଗି ସୁଯୋଗ ପାଇବେ।